# REGIONAL NEWS UNIT, AIR CUTTACK

## Midday Bulletin (2.32PM)

### 23 May - 2026

*********************************

## ମୁଖ୍ୟ ସମ୍ବାଦ

- ସରକାରୀ ନିଯୁକ୍ତି ନାଗରିକଙ୍କ ଜୀବନଧାରଣ ଶୈଳୀକୁ ସହଜ ଓ ଉନ୍ନତ କରୁଛି; କହିଲେ ପ୍ରଧାନମନ୍ତ୍ରୀ

– ୧୯ତମ ରୋଜଗାର ମେଳାରେ ୫୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ କଲେ ନିଯୁକ୍ତିପତ୍ର ପ୍ରଦାନ

- ଗ୍ରୀଷ୍ମ ପ୍ରବାହ ଓ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଆସନ୍ତାକାଲିଠାରୁ ସ୍ଥଗିତ ରହିବ ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି

- କଇଁଛଙ୍କ ସୁରକ୍ଷା ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ କଇଁଛ ଦିବସ

ଏବଂ

- ରାଜ୍ୟରେ ସକ୍ରିୟ ରହିଛି ଘୂର୍ଣ୍ଣିବଳୟ; ମଧ୍ୟାହ୍ନ ଗୋଟାଏ ସୁଦ୍ଧା ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୪୩ ଡିଗ୍ରୀ ସେଲସିସୟ ରେକର୍ଡ

Desk

# ପିଏମ୍‌-ରୋଜଗାର ମେଳା

ବିଶ୍ୱ’ ଭାରତର ବିକାଶ ଯାତ୍ରାରେ ସହଭାଗୀ ହେବା ଲାଗି ପ୍ରସ୍ତୁତ ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ବିଶ୍ୱର ଅନେକ ଗୁଡ଼ିଏ ଦେଶ ସହ ଭାରତ ସହଯୋଗ ଭିତ୍ତିରେ ସୁଯୋଗ ସୃଷ୍ଟି କରିବା, କର୍ମନିୟୋଜନ ପ୍ରଦାନ କରିବା ଏବଂ ଦେଶର ଯୁବପିଢ଼ିଙ୍କୁ ଆନ୍ତର୍ଜାତିକ ସ୍ତରରେ ମାନ୍ୟତା ଦେବା ଲାଗି କାର୍ଯ୍ୟ କରୁଛି । ୧୯ତମ ରୋଜଗାର ମେଳାରେ  ଆଜି ୫୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରି ଆଭାସୀ ଜରିଆରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶ ତା’ର କର୍ମଯୋଗୀଙ୍କ ଉପରେ ଭରସା କରୁଛି । ନାଗରିକଙ୍କ ଜୀବନଧାରଣର ସହଜତା ତଥା ବିକାଶ ଦିଗରେ ସରକାରୀ ଚାକିରୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**V/O (PM Modi-Global Exploser)**

ଶ୍ରୀ ମୋଦୀ କହିଛନ୍ତି, ଭାରତୀୟମାନେ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଲାଗି କାର୍ଯ୍ୟ କରୁଛନ୍ତି ଏବଂ ଏଥିଲାଗି ବିଭିନ୍ନ କ୍ଷେତ୍ରରେ ଦେଶ ନିବେଶ କରୁଛି ।

ଦେଶର ୪୭ଟି ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନିଯୁକ୍ତି ପତ୍ର ବଣ୍ଟନ କାର୍ଯ୍ୟ ସମ୍ପାଦନ କରାଯାଇଛି । ନବନିଯୁକ୍ତମାନେ ବିଭିନ୍ନ ସରକାରୀ ବିଭାଗ ଓ ସଂଗଠନଗୁଡ଼ିକରେ ନିଯୁକ୍ତି ପାଇଛନ୍ତି । ମୁଖ୍ୟତଃ ରେଳବାଇ, ସ୍ୱରାଷ୍ଟ୍ର, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଓ ଉଚ୍ଚଶିକ୍ଷା ବିଭାଗରେ ନିଯୁକ୍ତି ଦିଆଯାଇଛି ।

ରାଜ୍ୟର ବିଭିନ୍ନ ସ୍ଥାନରେ ରୋଜଗାର ମେଳା ଅନୁଷ୍ଠିତ ହୋଇଛି ।

ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟଠାରେ ଆୟୋଜିତ ରୋଜଗାର ମେଳାରେ ଭାରତୀୟ ରେଳ ବିଭାଗରେ ୨୬ ଜଣ ଓ ଡାକ ବିଭାଗରେ ୧୬ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି ।

Puri

## ରତ୍ନଭଣ୍ଡାର ଗଣତି ମଣତି

ଗ୍ରୀଷ୍ମ ପ୍ରବାହ ଓ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି କାର୍ଯ୍ୟ ଆସନ୍ତାକାଲିଠାରୁ ସ୍ଥଗିତ ରହିବ । ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ମାସରେ ପୁନଃ ଗଣତି ମଣତି ଆରମ୍ଭ କରିବାକୁ ସ୍ଥିର କରାଯାଇଛି । ଆସନ୍ତା ସପ୍ତାହରୁ ଛତିଶା ନିଯୋଗ ପରିଚାଳନା କମିଟି ବୈଠକ ସହ ରଥଯାତ୍ରା ପାଇଁ ବିଭିନ୍ନ ବୈଠକ ଆୟୋଜିତ ହେବ । ଆଜି

ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁସାରେ ମଧ୍ୟାହ୍ନ ଧୂପନୀତି ପରେ ଭିତର ରତ୍ନଭଣ୍ଡାରର ଗଣତି କାର୍ଯ୍ୟ କରାଯିବ। ରତ୍ନଭଣ୍ଡାର କମିଟିର ପ୍ରାଧିକୃତ ସଦସ୍ୟ, ଭଣ୍ଡାର ମେକାପ ଓ ଅନ୍ୟାନ୍ୟ ଅଧିକାରୀମାନେ ଗଣତି କାର୍ଯ୍ୟରେ ସାମିଲ ରହିବେ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ି ଗଣତି ମଣତି ସମ୍ପର୍କରେ ପ୍ରତିକ୍ରିୟାରେ କହିଛନ୍ତି...

**- V/O –**

HS

# ଶୀତଳଷଷ୍ଠି ଯାତ୍ରା

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ଶାନ୍ତି ଓ ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଜୁନ୍ ୧୫ ତାରିଖରେ ଆରମ୍ଭ ହେବାକୁ ଥିବା ଏହି ଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଜିଲ୍ଲାପାଳ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ନନ୍ଦପଡ଼ା, ଝାଡୁଆପଡ଼ା ଭଳି ଜନଗହଳି ଅଞ୍ଚଳରେ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ପ୍ରସ୍ଥାନ ବ୍ୟବସ୍ଥା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ମହାନଗର ନିଗମ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲିବା ପାଇଁ ବ୍ୟବସ୍ଥା କରାଯାଇଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ପୁଲିସ ଫୋର୍ସ

ମୁତୟନ, ଟ୍ରାଫିକ ନିୟନ୍ତ୍ରଣ ଏବଂ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଯାତ୍ରା ପୂର୍ବରୁ ରାସ୍ତାଘାଟ ସଫେଇ, ମରାମତି ଏବଂ ଉଚ୍ଛେଦ କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ କହିଛନ୍ତି।

Desk

# କଇଁଛ ଦିବସ

କଇଁଛମାନଙ୍କର ସୁରକ୍ଷା ଓ ତାଙ୍କ ବିଲୁପ୍ତ ବାସସ୍ଥଳୀକୁ ବଞ୍ଚାଇ ରଖିବା ଦିଗରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ୨୦୦୦ ମସିହାରୁ ଆଜିର ଦିନକୁ ବିଶ୍ୱ କଇଁଛ ଦିବସ ଭାବେ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି 'ମୁଁ କଇଁଛଙ୍କୁ ଭଲପାଏ'। ଗଣନାରୁ ଜଣାପଡ଼ିଛି ପୃଥିବୀରେ ପ୍ରାୟ ୩୦୦ ପ୍ରଜାତିର କଇଁଛ ମଧ୍ୟରୁ ବର୍ତ୍ତମାନ ପ୍ରାୟ ୧୨୯ଟି ପ୍ରଜାତିର କଇଁଛ ବିଲୁପ୍ତ ହୋଇସାରିଲେଣି । କଇଁଛମାନେ ପ୍ରାୟ ୧୫୦ ବର୍ଷରୁ ୩୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି ବୋଲି ପ୍ରାଣୀ ବିଶେଷଜ୍ଞମାନେ ମତ ଦେଇଛନ୍ତି । ରାଜ୍ୟର କେନ୍ଦ୍ରାପଡା ଜିଲ୍ଲାରେ ଅଲିଭ ରିଡ୍‌ଲେ ପ୍ରଜାତିର ବିରଳ କଇଁଛ ଦେଖିବାକୁ ମିଳିଥାନ୍ତି । ଗହୀରମଥା, ଦେବୀ ଓ ଋଷିକୂଲ୍ୟା ମୁହାଁଣକୁ ଅଲିଭରିଡ୍‌ଲେଙ୍କ ପ୍ରଜନନ ସ୍ଥଳୀଭାବେ ବିବେଚନା କରାଯାଇଛି । ଏଥିପାଇଁ ବନବିଭାଗ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ଓ ସଂରକ୍ଷଣ ଯୋଗାଇ ଦିଆଯାଉଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶ୍ୱ କଇଁଛ ଦିବସରେ ତାଙ୍କ ବାର୍ତ୍ତାରେ କହିଛନ୍ତି, ପ୍ରକୃତିର ସବୁଠାରୁ ଶାନ୍ତ, ଧୈର୍ଯ୍ୟ, ସହନଶୀଳ ଓ ଦୀର୍ଘାୟୁ ପ୍ରାଣୀମାନଙ୍କ ମଧ୍ୟରେ ଅନ୍ୟତମ। ଅଲିଭ୍ ରିଡ୍‌ଲେ କଇଁଛଙ୍କ ଆଗମନ ରାଜ୍ୟର ସମୃଦ୍ଧ ପରିବେଶ ଐତିହ୍ୟର ପ୍ରତୀକ। ଏହି ଦୁର୍ଲଭ ସାମୁଦ୍ରିକ ପ୍ରାଣୀଙ୍କର ସୁରକ୍ଷା ଓ ଜୈବବିବିଧତାର ସଂରକ୍ଷଣ ପାଇଁ ସଂକଳ୍ପବଦ୍ଧ ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

Nabarangpur

## ପ୍ରକଳ୍ପର ଶିଳାନ୍ୟାସ

ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ସହରର ବିଭିନ୍ନ ୱାର୍ଡରେ ୧୦ଟିରୁ ଊର୍ଦ୍ଧ୍ୱ ପ୍ରସ୍ତାବିତ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ଚାଉଁରିଆଗୁଡ଼ା ସତ୍‌ସଙ୍ଗ ବିହାର ପରିସରରେ ନୂତନ ସମାଜ ଭବନ ନିର୍ମାଣ, ଘୋରାମୁଣ୍ଡା ପୋଖରୀ, ଗଉଡ଼ସାହି ଗଣେଶ ମଣ୍ଡପର ଉନ୍ନତିକରଣ ଆଦି ବିଭିନ୍ନ ପ୍ରକଳ୍ପ ଏଥିରେ ସାମିଲ ରହିଛି।

Gajapati

## ବର୍ଜ୍ୟବସ୍ତୁ ପରିଚାଳନା

ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିସ୍ଥିତି ପୌରପରିଷଦ ସଭାଗୃହଠାରେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନେଇ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ହୋଇଯାଇଛି । ପ୍ରାଧିକରଣର ସଚିବ ବିମଳ ରାଉଳଙ୍କ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜନସାଧାରଣଙ୍କୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଓ ପରିବେଶ ସୁରକ୍ଷା ବାବଦରେ ସଚେତନ କରାଇଛନ୍ତି ।

Ganjam

## ଆଇନ ସଚେତନତା କାର୍ଯ୍ୟକ୍ରମ

ଗଞ୍ଜାମ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ 'ସୁରକ୍ଷିତ ବାଲ୍ୟକାଳ, ସୁରକ୍ଷିତ ଭବିଷ୍ୟତ' ଶୀର୍ଷକ ଆଇନ ସଚେତନତା କାର୍ଯ୍ୟକ୍ରମ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷତା କରି ନାଲ୍‌ସା ଜାଗୃତି ଯୋଜନା-୨୦୨୫ ବାବଦରେ ବିସ୍ତୃତ ସୂଚନା ଦେଇଛନ୍ତି ।

Ganjam

## କ୍ୟାମ୍ପ କୋର୍ଟ

ଗଞ୍ଜାମ ଜିଲ୍ଲା ଛତ୍ରପୁରଠାରେ ଓଡ଼ିଶା ମାନବାଧିକାର କମିଶନଙ୍କ ପକ୍ଷରୁ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଛି । କୋର୍ଟରେ କମିଶନଙ୍କ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର ମୋଟ ୨୯ଟି ମାମଲାର ଶୁଣାଣି କରିଛନ୍ତି । ୨୨ଟି ମାମଲାର ତତ୍କାଳ ସମାଧାନ ସହିତ ୭ଟିର ବିସ୍ତୃତ ତଦନ୍ତ ରିପୋର୍ଟ ଦାଖଲ । କରିଛନ୍ତି ।

BHK

## ଆଖଣ୍ଡମଣିଙ୍କ ବିବାହ

ଭଦ୍ରକ ଜିଲ୍ଲା ଆରଡ଼ିର ବାବା ଆଖମଣ୍ଡଳମଣିଙ୍କ ବିବାହ ଉତ୍ସବ ପାଇଁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବକୁ ସୂଚାରୁରୂପେ ସମ୍ପାଦନ କରିବା ଉପରେ ବୈଠକରେ ଆଲୋଚନା କରାଯାଇଛି। ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ମହୋତ୍ସବ ପାଳନ ପାଇଁ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମାସ ୧୯ ତାରିଖରେ ମହୋତ୍ସବ ଅନୁଷ୍ଠିତ ହେବ।

Balangir

## ଲୋକକଳା ମହୋତ୍ସବ

ବଲାଙ୍ଗୀର ଜିଲ୍ଲାରେ ନବମ ଲୋକକଳା ଉତ୍ସବ-୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଦୁଲ୍‌ଦୁଲୀ କଳା ପରିଷଦ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ବିଭିନ୍ନ ଲୋକକଳା ପ୍ରଦର୍ଶିତ ହୋଇଛି। ଚଳିତ ବର୍ଷ ସଂକୀର୍ତ୍ତନ ଗୁରୁ ପ୍ରସାଦି ପୁଟେଲ, ଲୋକନାଟକ କଳାକାର ତଥା ଗୁରୁ ନବଦ୍ୱୀପ ଚାନ୍ଦ ବେହେରା ଓ ଦଣ୍ଡନୃତ୍ୟ ଗୁରୁ ଯୁଗେଶ୍ୱର ପାତ୍ରଙ୍କୁ ନବମ ଲୋକକଳା ସମ୍ମାନରେ ସମ୍ମାନିତ କରାଯାଇଛି।

Desk

## ଆଥଲେଟିକ୍ କପ୍

ରାଞ୍ଚି ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ଆୟୋଜିତ ୨୯ତମ ବରିଷ୍ଠ ଆଥଲେଟିକ୍ ଫେଡେରେସନ୍ କପ୍‌ରେ ଓଡ଼ିଶାର ଆନିମେଶ କୁଜୁର ଚମତ୍କାର ପ୍ରଦର୍ଶନ କରି ଜାତୀୟ ରେକର୍ଡ ସ୍ଥାପନ କରିଛନ୍ତି। ଏହି ସଫଳତା ପରେ ସେ ଗ୍ଲାସଗୋ କମନୱେଲ୍‌ଥ ଗେମ୍ସ-୨୦୨୬ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରମୁଖ ତାଙ୍କର ଏହି ଅସାଧାରଣ ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି।

Desk

## ପାଣିପାଗ

ଓଡ଼ିଶା ଓ ନିକଟବର୍ତ୍ତୀ ଅଞ୍ଚଳ ଉପରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆସନ୍ତା ସପ୍ତାହକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ସମୟ ମଧ୍ୟରେ ରାଜ୍ୟର

କେତେକ ଅଂଚଳରେ ବର୍ଷା ହୋଇପାରେ। ଦକ୍ଷିଣ-ପଶ୍ଚିମ, ଦକ୍ଷିଣ-ପୂର୍ବ ଏବଂ ପୂର୍ବ-ମଧ୍ୟ ବଙ୍ଗୋପସାରକୁ ମୌସୁମୀ ବାୟୁ ଅଗ୍ରସର ହେଉଛି।

ଅନ୍ୟପକ୍ଷରେ, ରାଜ୍ୟରେ ଆସନ୍ତା ସୋମବାର ପର୍ଯ୍ୟନ୍ତ ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହେବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ମଧ୍ୟାହ୍ନ ଗୋଟାଏ ସୁଦ୍ଧା ଝାରସୁଗୁଡ଼ାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।